ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ
ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ଖୋରଧା
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ଶିକ୍ଷା ଅଧିକାର – ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା**

**ସା/ପୋଷ୍ଟ/ଜିଲ୍ଲା – ଖୋର୍ଦ୍ଧା – ୭୫୨୦୫୫, ଫୋନ ନଂ- ୦୬୭୫୫-୨୨୩୫୨୫**

ସଂଖ୍ୟା ୩୮୦୪ ; ତାରିଖ ୩୧-୭-୨୦୧୮

## ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟକ୍ଷମ ଆବାସିକ ଛାତ୍ରାବାସରେ ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ପର୍କିତ

ଏତଦ୍ ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ ବିଜ୍ଞାପନ କ୍ରମିକ ସଂଖ୍ୟା ୩୫୯୦ ତା୨୩.୦୭.୧୮ରିଖ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସର୍ବ ଶିକ୍ଷା ଅଭିଯାନ, ଖୋର୍ଦ୍ଧା ଅଧୀନରେ ପରିଚାଳିତ ଆବାସିକ ଛାତ୍ରାବାସମାନଙ୍କରେ ବିଭିନ୍ନ ପଦବୀରେ ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ତା୩୦.୦୭.୧୮ରିଖ ଓ ତା୩୧.୦୭.୧୮ରିଖ ରେ ଅନୁଷ୍ଠିତ ହୋଇଥିବା ସାର୍ଟିଫିକେଟ/ପ୍ରମାଣ ପତ୍ର ଯାଞ୍ଚ ପ୍ରକ୍ରିୟାରେ ସଫଳ ହୋଇଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଅସ୍ଥାୟୀ ମେଧା ତାଲିକା ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରଦର୍ଶିତ ହେବା ସହିତ ଜିଲ୍ଲା ୱେବସାଇଟ www.khordha.nic.in ଓ OPEPA ୱେବସାଇଟ, www.opepa.in ରେ ମଧ୍ୟ ଉପଲବ୍ଧ କରାଯାଇଅଛି ।

ଏହି ମେଧା ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନେ ଇଣ୍ଟରଭିୟୁ, କାଉନସେଲିଂ ବା ବ୍ୟବହାରିକ ରୋଷେଇ ପରୀକ୍ଷା ନିମନ୍ତେ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ । ଏହି ଦିନ କୌଣସି  ଯଥାର୍ଥ ପୂର୍ବ ସୂଚନା ବିନା ଅନୁପସ୍ଥିତ ରହିଲେ ସମ୍ପୃକ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଆବେଦନ ପତ୍ର ସଂପୂର୍ଣ୍ଣ ଭାବେ ଖାରଜ କରିଦିଆଯିବ ।

| ତାରିଖ | ସମୟ | ପରୀକ୍ଷାର ପ୍ରକାର | ସ୍ଥାନ |
|---|---|---|---|
| ୦୩.୦୮.୧୮ | ଦିବା ୧୦.୦୦ ଘଟିକା ଠାରୁ | ପାର୍ଟ ଟାଇମ ଟିଚର (ବିଜ୍ଞାନ ଓ କଳା) ଏବଂ ପାର୍ଟ ଟାଇମ ଇନଷ୍ଟ୍ରକ୍ଟର (ଫିଜିକାଲ ଏଡୁକେସନ) ପଦବୀ ନିମନ୍ତେ କାଉନସେଲିଂ ପ୍ରକ୍ରିୟା, ପିଅନ ତଥା ଆଟେଣ୍ଡାଣ୍ଟ ପଦବୀ ନିମନ୍ତେ ଇଣ୍ଟରଭ୍ୟୁ | ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ |
| ୦୪.୦୮.୧୮ | ଦିବା ୯.୩୦ ଠାରୁ ଅପରାହ୍ନ ୧.୩୦ ପର୍ଯ୍ୟନ୍ତ | ମୁଖ୍ୟ ରୋଷେୟା ଓ ସହକାରୀ ରୋଷେୟା ପଦବୀ ନିମନ୍ତେ ବ୍ୟବହାରିକ ରୋଷେଇ ପରୀକ୍ଷା | ଆବାସିକ ଛାତ୍ରାବାସ ନଂ୨, ରାଜଭବନ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ |

ଜିଲ୍ଲା ପ୍ରକଳ୍ପ ସଂଯୋଜକ,
ଶିକ୍ଷା ଅଧିକାର-ସର୍ବଶିକ୍ଷା ଅଭିଯାନ, ଖୋର୍ଦ୍ଧା